## ସଂକ୍ଷେପରେ

### କୁକୁଡାଖଣ୍ଡିରେ ଖୋଲିବ ଜେଏମ୍ଏଫସି କୋର୍ଟ

ବ୍ରହ୍ମପୁର ଅଫିସ,୧୦।୮: ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍ଏଫସି) କୋର୍ଟ ଖୋଲିବ ବୋଲି ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କୁକୁଡାଖଣ୍ଡି ଓକିଲ ସଂଘକୁ ଜଣାଇଛନ୍ତି। ସେ କହିଛନ୍ତି, ଏହି ବ୍ଲକ ଅଧୀନରେ ୧୮୪ଟି ରାଜସ୍ୱ ଗ୍ରାମ ରହିଛି। ଏଣୁ ସରକାର ଏହି ଦାବିକୁ ଗ୍ରହଣ କରିଛନ୍ତି। ଆଇନ ବିଭାଗର ସହମତି ପରେ ହାଇକୋର୍ଟ କୁକୁଡାଖଣ୍ଡିରେ ଜେଏମଏଫସି କୋର୍ଟ ଖୋଲିବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। କୁକୁଡାଖଣ୍ଡି ଓକିଲ ସଂଘ ସମ୍ପାଦକ କରୁଣାକର ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି। ସେହିପରି ଦିଗପହଣ୍ଡିରେ ଏକ ସବଜଜ କୋର୍ଟ ଖୋଲିବା ପାଇଁ ସରକାରଙ୍କ ବିଚାର ରହିଥିବା ବାଚସ୍ପତି ଜଣାଇଥିବା ସଂଘ ସମ୍ପାଦକ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ବାଇକ୍ ଧକ୍କାରେ ଜଣେ ମୃତ

ଜଗନ୍ନାଥପ୍ରସାଦ,୧୦।୮(ଡି.ଏନ.ଏ.): ଜଗନ୍ନାଥପ୍ରସାଦ ଥାନା ରାଉତି ପଞ୍ଚାୟତ ପଙ୍କାଲସାହି ଗ୍ରାମର ଜଣେ ବ୍ୟକ୍ତି ଶୁକ୍ରବାର ସନ୍ଧ୍ୟାରେ ନିଜ ବିଲରୁ ଫେରୁଥିବା ବେଳେ ଏକ ବାଇକ୍ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଅରସୁଲ ନାଇକ। ମୃତକଙ୍କ ପୁତୁରା ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଶନିବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ଡାକ୍ତରଖାନାକୁ ପଠାଇଥିଲା। ନଂ.୧୨୨/୧୯ରେ ଏକ ମାମଲଶ ରୁଜୁ କରାଯାଇଛି। ଅରସୁଲ ଶୁକ୍ରବାର ସନ୍ଧ୍ୟାରେ ବିଲରୁ ସାଇକେଲ ଯୋଗେ ଫେରିବା ବେଳେ ବାଇକ୍ଟି ସାମ୍ନା ପଟୁ ଧକ୍କା ଦେଇଥିଲା। ଫଳରେ ଅରସୁଲ ଗୁରୁତର ହୋବାରୁ ତାଙ୍କୁ ଆମ୍ବୁଲାନ୍ସରେ ଜଗନ୍ନାଥପ୍ରସାଦ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ବାଇକ ଛାଡି ଚାଳକ ଫେରାର ହୋଇଯାଇଛନ୍ତି।

### ଗଙ୍ଗାଧର ମେହେରଙ୍କୁ ଶ୍ରଦ୍ଧାଞ୍ଜଳି

ବ୍ରହ୍ମପୁର ଅଫିସ୍,୧୦।୮: ଓଡ଼ିଶା ରାଜ୍ୟ ଶୌଣ୍ଡିକ ସମାଜ ଏବଂ ଗଞ୍ଜାମ ଜିଲା ପଛୁଆ ବର୍ଗ ବିକାଶ ମଞ୍ଚ ତରଫରୁ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ତାଙ୍କ ଦ୍ୱାରା ରଚିତ କାବ୍ୟ କବିତା ଉପସ୍ଥାପନ କରାଯାଇଥିଲା। ରାଜ୍ୟ ସଭାପତି ପ୍ରଭାକର ସାହୁ, ସଭାନେତ୍ରୀ ସବିତା ସାହୁକାର, ସମ୍ପାଦକ ମମତା ସାହୁ, ଲୋକସମ୍ପର୍କ ଅଧିକାରୀ ଭାଷ୍କାଚାର୍ଯ୍ୟ ଚୌଧୁରୀ, ବାସୁଦେବ ସାହୁକାର, ମଧୁସୂଦନ ସାହୁ, ନବୀନ ବେହେରା, ସୌମିକ ସାହୁ, ବାଳକୃଷ୍ଣ ସାମନ୍ତରା, ଜଗନ ମୋହନ ପାଣିଗ୍ରାହୀ, ରାଜା ସାହୁକାର, ପ୍ରଦୀପ କୁମାର ସାହୁ, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଗୌରୀଶଙ୍କର ମହାନ୍ତି, ନିବେଦିତା ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ସହର ତଳି ଅଞ୍ଚଳକୁ ବିଏମ୍ସିରେ ସାମିଲ ଦାବି ପ୍ରସଙ୍ଗ

# ବଦଳିବ ଆନ୍ଦୋଳନର ରୂପରେଖ

**ବିଧାୟକ, ଏମ୍ପିଙ୍କ ସହ ମିଳିତ କ୍ରିୟାନୁଷ୍ଠାନ କମିଟିର ସ୍ୱତନ୍ତ୍ର ବୈଠକ ଆଜି**

ବ୍ରହ୍ମପୁର ଅଫିସ,୧୦।୮

ବ୍ରହ୍ମପୁର ସନ୍ନିକଟ ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍ସି)ରେ ସାମିଲ କରିବା ଦାବି ଏବେ ତୀବ୍ର ହେବାରେ ଲାଗିଛି । ଏହି ଦାବି ପୂରଣ ନେଇ ଗତ ୨ ବର୍ଷ ହେଲା ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନ ଚଳାଇ ଆସୁଛି । ତଥାପି କୌଣସି ପଦକ୍ଷେପ ନିଆଗଲାନି। ତେଣୁ ଆନ୍ଦୋଳନର ରୂପରେଖ ପରିବର୍ତ୍ତନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ରବିବାର ଏ ନେଇ ବ୍ରହ୍ମପୁର ଏମ୍ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ ପଣ୍ଡାଙ୍କ ସହ ଆଲୋଚନା କରାଯିବାକୁ ଥିବା କମିଟି ପକ୍ଷରୁ କୁହାଯାଇଛି । ଶନିବାର କମିଟି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ସାଧାରଣ ବୈଠକରେ ଏହି ନିଷ୍ପତ୍ତି ହୋଇଛି । ବିଧାୟକ ଓ ଏମପିଙ୍କ ସହ ହେବାକୁ ଥିବା ଆଲୋଚନାରେ ସେମାନଙ୍କ ପ୍ରତିକ୍ରିୟା ପ୍ରକାରେ ଆନ୍ଦୋଳନର ରୂପରେଖ ପରିବର୍ତ୍ତନ କରିବାକୁ କମିଟି ନିଷ୍ପତ୍ତି ନେଇଛି । କମିଟି ସଭାପତି ସଞ୍ଜୀବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏମପି ଓ ବିଧାୟକଙ୍କ ସହ କ'ଣ ସବୁ ଆଲୋଚନା କରାଯିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଗତ ଜୁନରେ ସହରତଳି ଅଞ୍ଚଳକୁ ବିଏମ୍ସିରେ ସାମିଲ କରିବା ଦିଗରେ ପଦକ୍ଷେପ ନେବାକୁ ହାଇକୋର୍ଟ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏ ନେଇ ନଗର ଉନ୍ନୟନ ବିଭାଗ ସଚିବଙ୍କ ନିକଟରୁ ମଧ୍ୟ ନିଗମ କମିଶନରଙ୍କ ନିକଟକୁ ନିର୍ଦ୍ଦେଶନାମା ଆସିଛି । ୩ ମାସ ମଧ୍ୟରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ନିର୍ଦ୍ଦେଶନାମାକୁ ୨ ମାସ ବିତିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା କମିଟି ସଭାପତି କହିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ହରିହର ନାୟକ, କାର୍ଯ୍ୟକାରୀ ସଭାପତି ନାରାୟଣ ଚନ୍ଦ୍ର ପରିଚ୍ଛା, ପ୍ରଫେସର ରଙ୍ଗନାଥ ମିଶ୍ର, ଶରତ ଚନ୍ଦ୍ର ପଟ୍ଟନାୟକ, ବି. ଚନ୍ଦ୍ର ଶେଖର ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

### ୧୧।୮।୨୦୧୯ (ରବିବାର)

- ଗ୍ରାମାଞ୍ଚଳରେ ଶୌଚାଳୟ ନିର୍ମାଣ କାର୍ଯ୍ୟ ଅଗ୍ରଗତି ପାଇଁ ସମୀକ୍ଷା ବୈଠକ। ସ୍ଥାନ- ଦିଗପହଣ୍ଡି ବ୍ଲକ ୨୫ଟି ପଞ୍ଚାୟତ କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ୧୧ଟା।
- ସ୍ୱାସ୍ଥ୍ୟ ସୁପରଭାଇଜର ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମୀକ୍ଷା ବୈଠକ। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୧ଟା।
- ଅର୍ଥନୈତିକ ଜନଗଣନା ପାଇଁ ପ୍ରଶିକ୍ଷଣ ଶିବିର। ସ୍ଥାନ- କେଲୁଆ, ସମୟ- ସକାଳ ୧୦ଟା।
- ସୁସ୍ଥ ପାତ୍ରପୁର ବ୍ଲକ ଗଠନ ପାଇଁ ବୈଠକ। ସ୍ଥାନ- ପାତ୍ରପୁର ଜଗନ୍ନାଥ ମନ୍ଦିର, ସମୟ-ଅପରାହ୍ନ ୨ଟା।
- ଗଞ୍ଜାମ-ଗଜପତି ନୋଟାରୀ ସଂଘ ବୈଠକ। ସ୍ଥାନ-ଗଞ୍ଜାମ ଓକିଲ ସଂଘ ସମ୍ମିଳନୀ କକ୍ଷ, ସମୟ-ପୂର୍ବାହ୍ନ ୧୧ଟା।
- ଗଞ୍ଜାମ ଜିଲା ବ୍ରାହ୍ମଣ ମହାସଭା ସାମ୍ବିଧାନିକ ସମ୍ମିଳନୀ। ସ୍ଥାନ-ଗୋସାଇଁ ନୂଆଗାଁ କାଳୁଆ ମନ୍ଦିର, ସମୟ- ପୂର୍ବାହ୍ନ ୧୦ଟା।
- ଉପାନ୍ତ ଅଞ୍ଚଳ ଓଡ଼ିଆ ଶିକ୍ଷକଙ୍କ ବୈଠକ। ସ୍ଥାନ-ଉତ୍କଳ ଆଶ୍ରମ, ସମୟ-ପୂର୍ବାହ୍ନ ୧୧ଟା।
- ବିକଳ୍ପ ସାହିତ୍ୟ ପରିଷଦର ଆସର। ସ୍ଥାନ-ଉତ୍କଳ ଆଶ୍ରମ ରୋଡ୍ ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ସମୟ- ଅପରାହ୍ନ ୩ଟା ।

### ୧୩।୮।୨୦୧୯ (ମଙ୍ଗଳବାର)

- ଆଶା କର୍ମୀଙ୍କୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ପାଇଁ ପ୍ରଶିକ୍ଷଣ କର୍ମଶାଳା। ସ୍ଥାନ- ଭୀଷ୍ମଗିରି, ସିଦ୍ଧେଶ୍ୱର, ତଲାସିଙ୍ଗି ଓ ଦିଗପହଣ୍ଡି ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ- ପୂର୍ବାହ୍ନ ୧୦ଟା।
- ଶିଶୁ ଓ ପ୍ରସୂତିଙ୍କ ପାଇଁ ମମତା ଦିବସ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ-ସକାଳ ୯ଟା।
- ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ। ସ୍ଥାନ-ଖେମୁଣ୍ଡି ମହାବିଦ୍ୟାଳୟ, ଦିଗପହଣ୍ଡି, ସମୟ-ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସ୍ତରୀୟ ମୋ ନିବେଦନ କାର୍ଯ୍ୟକ୍ରମ। ସ୍ଥାନ- ବାଦପୁର, ସମୟ- ପୂର୍ବାହ୍ନ ୧୦ଟା।

### ୧୪।୮।୨୦୧୯ (ବୁଧବାର)

- ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ। ସ୍ଥାନ-ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୯ଟା।
- ଛାତ୍ରୀଛାତ୍ରଙ୍କୁ କର୍ମନିଯୁକ୍ତି ସମ୍ପର୍କିତ ସଚେତନତା କର୍ମଶାଳା। ସ୍ଥାନ- ଖେମୁଣ୍ଡି କଲେଜ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୧ଟା।

### ୧୫।୮।୨୦୧୯ (ଗୁରୁବାର)

- ସ୍ୱାଧୀନତା ଦିବସ ଅବସରରେ ସମ୍ମିଳିତ ପରେଡ୍ ଓ ଜାତୀୟ ପତାକା ଉତ୍ତୋଳନ। ସ୍ଥାନ- ଗାନ୍ଧୀଛକ, ଦିଗପହଣ୍ଡି, ସମୟ- ସକାଳ ୯ଟା।
- ଶ୍ରୀ ରାଧାକୃଷ୍ଣ ପାଠାଗାର କୋଠା ଉଦ୍ଘାଟନୀ ଉତ୍ସବ। ସ୍ଥାନ- ପଦ୍ମନାଭପୁର, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୦ଟା।
- ଚାରାରୋପଣ କାର୍ଯ୍ୟକ୍ରମ। ସ୍ଥାନ- ଭୁଷୁଣ୍ଡା ଗ୍ରାମ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ସାହିତ୍ୟ ସେବା ସଂସଦ ପକ୍ଷରୁ କବିତା ଆସର। ସ୍ଥାନ- ଜୁଲୁଣ୍ଡା ଭୈରବୀ ଚାଅଁଡ଼ା ମନ୍ଦିର, ସମୟ-ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଳନ। ସ୍ଥାନ- ବ୍ରହ୍ମପୁର ଷ୍ଟାଡିୟମ୍, ସମୟ-ସକାଳ ୯ଟା।

### ୧୬।୮।୨୦୧୯ (ଶୁକ୍ରବାର)

- ଗର୍ଭବତୀଙ୍କ ଏଚ୍ଆଇଭି ପରୀକ୍ଷା ଓ ମମତା ଦିବସ ସଚେତନତା କାର୍ଯ୍ୟକ୍ରମ, ସେକ୍ଟର ସ୍ତରୀୟ ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟାବଳୀ ସମୀକ୍ଷା। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ-ପୂର୍ବାହ୍ନ ୧୦ଟା।
- ଅଣ ସଂକ୍ରମଣ ରୋଗର ପରୀକ୍ଷା ଓ ପରାମର୍ଶ ଶିବିର। ସ୍ଥାନ- ଦିଗପହଣ୍ଡି ବ୍ଲକ ସମସ୍ତ ୨୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ, ସମୟ-ସକାଳ ୯ଟା।

### ୧୭।୮।୨୦୧୯ (ଶନିବାର)

- ବ୍ଲକ ସ୍ତରୀୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅଗ୍ରଗତି ପାଇଁ ସମୀକ୍ଷା ବୈଠକ। ସ୍ଥାନ- ଦିଗପହଣ୍ଡି ବ୍ଲକ ସଭାଗୃହ, ସମୟ-ଅପରାହ୍ନ ୩ଟା।

## ଗଞ୍ଜାମ ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ

# ପ୍ରମୋଦ ସଭାପତି, ରଞ୍ଜିତ ସମ୍ପାଦକ



ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନେ ।

ବ୍ରହ୍ମପୁର ଅଫିସ,୧୦।୮

ଗଞ୍ଜାମ ଜିଲା ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରମୋଦ କୁମାର ଜେନା ଲଗାତାର ସପ୍ତମ ଥର ପାଇଁ ସଭାପତି ନିର୍ବାଚିତ ହୋଇଛନ୍ତି । ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସଂଘର ମୋଟ ୨୪୮ ସଦସ୍ୟ ନିଜର ମତ ଅଧିକାର ସାବ୍ୟସ୍ତ କରିଥିଲେ । ସମ୍ପାଦକ ଭାବେ ରଞ୍ଜିତ କୁମାର ପଣ୍ଡା ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ କାଳି ଚରଣ ସ୍ୱାଇଁ ଏବଂ ଯୁଗ୍ମ ସମ୍ପାଦକ ଭାବେ ସୁବାସ ଚନ୍ଦ୍ର ପଣ୍ଡା ନିର୍ବାଚିତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଶିବ ଶଙ୍କର ଦଳେଇ, ସୁବାସ ସାହୁ, ଅରୁଣ ନାୟକ, ପ୍ରଶାନ୍ତ ମହାରଣା, ସଦାଶିବ ପାଢ଼ୀ, ନୀଳାଞ୍ଚଳ ପଣ୍ଡା, ବଂଶୀଧର ସେଠୀ, ସୁଶାନ୍ତ ସେଠୀ, ଯୋଗେନ୍ଦ୍ର ଲେଙ୍କା, ବାବୁଲା ସାହୁ ଏବଂ ସଞ୍ଜୟ ପାଳ ମନୋନୀତ ହୋଇଛନ୍ତି। କର୍ମକର୍ତ୍ତାମାନେ ୩ ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ଭାବେ ନୀଳାଞ୍ଚଳ ତ୍ରିପାଠୀ, ପ୍ରଭୁ ପ୍ରସାଦ ପାତ୍ର ଏବଂ ଡି. ପ୍ରଦୀପ ପାତ୍ର ପରିଚାଳନା କରିଥିଲେ। ଆଗାମୀ ଦିନରେ ସଂଘର ଉନ୍ନତି ଏବଂ ସଦସ୍ୟଙ୍କ ଅସୁବିଧା ଦୂର କରିବା ଦିଗରେ କାର୍ଯ୍ୟ କରିବା ସହ ସଂଘର କାର୍ଯ୍ୟକୁ ଅଧିକ ସକ୍ରିୟ କରିବା ପାଇଁ ଉଦ୍ୟମ କରିବେ ବୋଲି ସଭାପତି ଜେନା ପ୍ରକାଶ କରିଛନ୍ତି ।



ବ୍ରହ୍ମପୁର ସହରରେ ଶନିବାର ହୋଇଥିବା ବର୍ଷାରେ ପ୍ରେମନଗର ମୁଖ୍ୟ ରାସ୍ତା ଜଳାର୍ଣ୍ଣବ ।

### ସାପ କାମୁଡ଼ାରେ ଜଣେ ମୃତ

ବ୍ରହ୍ମପୁର ଅଫିସ,୧୦।୮

ସାପ କାମୁଡ଼ାରେ ଗୁରୁତର ଆହତ ହୋଇ ଶନିବାର ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ କୋଳିଦାସପୁରର ହୀନ ନାୟକ (୫୫)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୪୨୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶନିବାର ସକାଳେ ହୀନ ନିଜ ଖଳାକୁ ଯାଇଥିଲେ। ସେଠାରେ ଥିବା ଏକ ବାଉଁଶଗଦାରୁ କାଠ ବାହାର କରିବା ବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ଫଳରେ ଗୁରୁତର ଅବସ୍ଥାରେ ହୀନଙ୍କୁ ପରିବାର ଲୋକେ ବ୍ରହ୍ମପୁର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆତଙ୍କରାଜ, ବାଇକ୍ ପୋଡ଼ାଜଳା ଘଟଣାକୁ ମାସେ ପୂରିଲା

# ମୁଖ୍ୟ ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ

ବ୍ରହ୍ମପୁର ଅଫିସ,୧୦।୮

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟ ପଣ୍ଡା କଲୋନୀରେ ଜୁଲାଇ ୧୦ ତାରିଖରେ କେତେଜଣ ଯୁବକ ଆତଙ୍କ ଖେଳାଇବା ସହ ୪ ବାଇକକୁ ଭଙ୍ଗାରୁଜା କରି ପୋଡି ଦେଇଥିଲେ। ଏହି ଘଟଣାକୁ ମାସେ ପୂରିଥିଲେ ମଧ୍ୟ ପୋଲିସ ଏଯାଏ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇପାରିନାହିଁ। ବାସ୍ତବରେ ପୋଲିସ ତାଙ୍କୁ କାବୁ କରିପାରୁନାହିଁ ନା କୌଣସି ଅଦୃଶ୍ୟ ଶକ୍ତି ଚାପରେ ପଡି ବଞ୍ଚାଉଛି ତାହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ଆଙ୍ଗୁଠି ଉଠିଛି। ପଣ୍ଡା କଲୋନୀରେ ଅଭିଯୁକ୍ତମାନେ ଲୋକଙ୍କୁ ଆତଙ୍କିତ କରିବା ସହ ପୋଲିସକୁ ଖୋଲା ଚାଲେଞ୍ଜ ଦେଇଥିଲେ। ଏହି ଘଟଣାରେ ଆଙ୍କୁଲିର ସୁମନ୍ତ ନାୟକଙ୍କୁ କେବଳ ପୋଲିସ କୋର୍ଟ ଚାଲାଣ କରି ଚୁପ ବସିଛି। ମୁଖ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ଜାଣିଥିଲେ ମଧ୍ୟ ତାଙ୍କୁ ଧରିପାରୁନି। ପ୍ରକାଶ ଯେ, ଜୁଲାଇ ୧୦ ତାରିଖ ରାତିରେ କରାପଲ୍ଲୀର ରାଜେନ୍ଦ୍ର ନାୟକ ଓ ଉକ୍ତ ଗ୍ରାମର କିଛି ଭଦ୍ରବ୍ୟକ୍ତି ଏକ ମାମଲାର ସମାଧାନ ପାଇଁ ପଣ୍ଡା କଲୋନୀ ଆସିଥିଲେ। ଏହି ସମୟରେ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କର ୮/୯ ଜଣ ସହଯୋଗୀ ସେଠାରେ ପହଞ୍ଚି ରାଜେନ୍ଦ୍ର ଓ ଅନ୍ୟ ଭଦ୍ରବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ରାଜେନ୍ଦ୍ର ଗୁରୁତର ଆହତ ହୋଇଥିଲେ। ଅନ୍ୟ ଭଦ୍ରବ୍ୟକ୍ତିମାନେ ମଧ୍ୟ ଆକ୍ରମଣର ଶିକାର ହୋଇ ନିଜ ନିଜ ବାଇକ ଛାଡି ଦୌଡି ପଳାଇଥିଲେ। ପରେ ଅଭିଯୁକ୍ତମାନେ ଉକ୍ତ ବାଇକଗୁଡିକରେ ନିଆଁ ଲଗାଇ ପୋଡି ଦେଇଥିଲେ। ଆହତ ରାଜେନ୍ଦ୍ରଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୧୩୧/୧୯ରେ ମାମଲା ରୁଜୁ କରିଥିଲା। ବୈଦ୍ୟନାଥପୁର ଥାନାଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି, ପଣ୍ଡା କଲୋନୀରେ ଆତଙ୍କରାଜ ଓ ବାଇକ ପୋଡାଜଳା ଘଟଣାର ମୁଖ୍ୟ ଅଭିଯୁକ୍ତ ଚିହ୍ନଟ ହୋଇସାରିଛନ୍ତି। ସେ ଏବଂ ତାଙ୍କ ସହଯୋଗୀମାନେ ଏବେ ଫେରାର ଅଛନ୍ତି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ।

# ଖାଲି ସିଟ୍ ପୂରଣ ହେବା ନେଇ ସନ୍ଦେହ

**ଯୁକ୍ତ ୨ ନାମଲେଖା ପାଇଁ ଶେଷ ସୁଯୋଗ**

ବ୍ରହ୍ମପୁର ଅଫିସ୍,୧୦।୮

ଯୁକ୍ତ ୨ ନାମଲେଖା ପାଇଁ ଶେଷ ସୁଯୋଗ । ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ୧୩ ଏବଂ ୧୪ତାରିଖରେ ନାମଲେଖା ପାଇଁ ଛାତ୍ରୀଛାତ୍ରମାନେ ବିଭାଗୀୟ ୱେବ୍ସାଇଟ୍ରେ ଆବେଦନ କରିବେ। ୨୯ରେ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ତାଲିକା ପ୍ରକାଶ ପାଇବ। ସେମାନେ ଆସନ୍ତା ୩୦ ଏବଂ ୩୧ତାରିଖରେ ନାମ ଲେଖାଇବେ । ତେବେ ଗଞ୍ଜାମ ଜିଲାରେ ବହୁ ସିଟ୍ ଖାଲି ପଡ଼ିଥିବା ଯୋଗୁ, ଏହି ପର୍ଯ୍ୟାୟରେ ସେଗୁଡ଼ିକ ପୂରଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ସପ୍ଲିମେଣ୍ଟାରୀ ଏବଂ ପ୍ରଥମ ପର୍ଯ୍ୟାୟରେ କୌଣସି କାରଣରୁ ନାମ ଲେଖାଇ ପାରି ନ ଥିବା ଛାତ୍ରୀଛାତ୍ରମାନେ ଏହି ପର୍ଯ୍ୟାୟରେ ନାମ ଲେଖାଇବେ ।

ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାର ମୋଟ ୧୩୪ କଲେଜରେ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ, ସଂସ୍କୃତ ଏବଂ ଧନ୍ଦାମୂଳକ ଶିକ୍ଷାରେ ମୋଟ ୪୨ହଜାର ୮୩୪ଟି ସିଟ୍ ରହିଛି । ସେଥିରୁ ପ୍ରଥମ ପର୍ଯ୍ୟାୟରେ ୨୮ହଜାର ୬୬ ସିଟ୍ ପୂରଣ ହୋଇଥିବା ବେଳେ ୧୪ହଜାର ୭୬୮ ସିଟ୍ ଖାଲି ପଡ଼ିଛି । କଳାରେ ୧୯ହଜାର ୭୭୭ ସିଟ୍ ରହିଛି । ସେଥିରୁ ୧୭ହଜାର ୨୮୧ଟି ପୂରଣ ହୋଇଥିବା ବେଳେ ୨ହଜାର ୪୯୬ ସିଟ୍ ଖାଲି ପଡ଼ିଛି । ବିଜ୍ଞାନରେ ୧୬ହଜାର ୯୨୯ ସିଟ୍ ରହିଛି । ସେଥିରୁ ୮ହଜାର ୩୪୨ ସିଟ ପୂରଣ ହୋଇଥିବା ବେଳେ ୮ହଜାର ୫୮୭ ଖାଲି ପଡ଼ିଛି । ବାଣିଜ୍ୟରେ ୫ହଜାର ୧୮୪ ସିଟ୍ ରହିଥିବା ବେଳେ ୨ହଜାର ଶହେ ସିଟ୍ ପୂରଣ ହୋଇଛି ଏବଂ ୩ ହଜାର ୮୪ ସିଟ୍ ଖାଲି ରହିଛି । ସଂସ୍କୃତରେ ୩୨୦ ସିଟ୍ ରହିଥିବା ବେଳେ ୧୮୮ଟି ପୂରଣ ହୋଇଛି ଏବଂ ୧୩୨ ସିଟ ଖାଲି ପଡ଼ିଛି । ଧନ୍ଦାମୂଳକ ଶିକ୍ଷାରେ ୬୨୪ ସିଟ୍ ମଧ୍ୟରୁ ୧୫୫ଟି ପୂରଣ ହୋଇଥିବା ବେଳେ ୪୬୯ ସିଟ୍ ଖାଲି ପଡ଼ିଛି ।

## ଆର୍ତ୍ତନାଦ ଦିବସରେ ଶୋଭାଯାତ୍ରା, ବିକ୍ଷୋଭ

# ଦଳିତ ଖ୍ରୀଷ୍ଟିଆନ୍ଙ୍କୁ ମିଳୁ ଅନୁସୂଚିତ ଜାତି ମାନ୍ୟତା

ବ୍ରହ୍ମପୁର ଅଫିସ୍,୧୦।୮




ଖ୍ରୀଷ୍ଟିଆନ୍ ଦଳିତଙ୍କ ଶୋଭାଯାତ୍ରା ବ୍ରହ୍ମପୁର ସହର ପରିକ୍ରମା କରୁଛି ।

ହିନ୍ଦୁଙ୍କ ଭଳି ଖ୍ରୀଷ୍ଟିଆନ୍ ଧର୍ମରେ ଥିବା ଦଳିତମାନଙ୍କୁ ଅନୁସୂଚିତ ଜାତିର ମାନ୍ୟତା ଦାବି ନେଇ ଶନିବାର ଶୋଭାଯାତ୍ରା ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜାତୀୟ ଦଳିତ ଖ୍ରୀଷ୍ଟିଆନ୍ ପରିଷଦର ଓଡ଼ିଶା ଶାଖା ପକ୍ଷରୁ ଆର୍ତ୍ତନାଦ ଦିବସ ପାଳନ ଅବସରରେ ବିକ୍ଷୋଭ ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଅଭିଯୋଗ ଅନୁଯାୟୀ, ଦେଶ ସ୍ୱାଧୀନ ହେବାର କିଛି ଦିନ ପରେ ହିନ୍ଦୁ ଧର୍ମାବଲମ୍ବୀ ଦଳିତଙ୍କୁ ଅନୁସୂଚିତ ଜାତିର ମାନ୍ୟତା ଦିଆଯାଇଛି । ଅନ୍ୟ ଧର୍ମାବଲମ୍ବୀର ଦଳିତମାନଙ୍କୁ ବଞ୍ଚିତ କରାଯାଇ ଜାତିଗତ ସଂରକ୍ଷଣ, ସୁରକ୍ଷା ଓ ଅଭିବୃଦ୍ଧିରୁ ଉଚ୍ଛେଦ କରାଗଲା । ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ଶିଖ୍ ଧର୍ମାବଲମ୍ବୀ ଏବଂ ୧୯୯୦ ମସିହାରେ ବୌଦ୍ଧ ଧର୍ମାବଲମ୍ବୀ ଦଳିତଙ୍କୁ ଅନୁସୂଚିତ ଜାତିର ମାନ୍ୟତା ଦିଆଗଲା। ଖ୍ରୀଷ୍ଟିଆନ୍ ଧର୍ମରେ ଏହାକୁ ଲାଗୁ ନ କରିବା ବା ସାମାଜିକ ତଥା ଆର୍ଥିକ ସ୍ଥିତିକୁ ବିଚାରକୁ ନ ନେବା ସେମାନଙ୍କ ପ୍ରତି ଅନ୍ୟାୟ । ଧର୍ମ ପରିବର୍ତ୍ତନ ହେତୁ ଜାତିର ପରିବର୍ତ୍ତନ ହୋଇ ନ ଥାଏ । ଜଣେ ଧର୍ମ ପରିବର୍ତ୍ତନ କରିପାରେ। କିନ୍ତୁ ଜାତି ପରିବର୍ତ୍ତନ କରିବା ଅସମ୍ଭବ । ୧୯୫୦ ମସିହାରୁ ଖ୍ରୀଷ୍ଟିଆନ୍ ଦଳିତମାନେ ଏହା ବିରୋଧରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଛନ୍ତି । ସୁପ୍ରିମ୍କୋର୍ଟ ଦ୍ୱାରା ଗଠିତ ମିଶ୍ର କମିଶନ୍ଙ୍କ ରିପୋର୍ଟ ଅନୁସାରେ ସମ୍ବିଧାନର ଅନୁସୂଚିତ ଜାତି ଅଧ୍ୟାଦେଶ ୧୯୫୦ ଅନୁଚ୍ଛେଦ-୩ ହେଉଛି ଅଣସାମ୍ବିଧାନିକ। ଅପରପକ୍ଷେ ଖ୍ରୀଷ୍ଟିଆନ୍ ଦଳିତଙ୍କୁ ଅନୁସୂଚିତ ଜାତିର ମାନ୍ୟତା ଦାବି ନେଇ ୨୦୦୪ ଏପ୍ରିଲ୍ ୧୨ତାରିଖରେ ସୁପ୍ରିମ୍କୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା । ଆସନ୍ତା ସେପ୍ଟେମ୍ବରରେ ଏହାର ଶୁଣାଣି ହେବ । ଅନୁସୂଚିତ ଜାତିର ମାନ୍ୟତା ନ ଥିବା ଯୋଗୁ ଖ୍ରୀଷ୍ଟିଆନ୍ ଦଳିତମାନେ କୌଣସି ପ୍ରକାର ସଂରକ୍ଷଣଜନିତ ସୁବିଧା ପାଇପାରୁନାହାନ୍ତି। ଗତ ୨୦ତାରିଖରେ ମୋହନାରେ ରାଜ୍ୟସ୍ତରୀୟ ବୈଠକରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଶନିବାର ଜାତୀୟ କଳା ଦିବସ ବା ଆର୍ତ୍ତନାଦ ଦିବସ ପାଳନ ଅବସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜିପୁର ଚର୍ଚ୍ଚଠାରୁ ବାହାରିଥିବା ଏକ ବିରାଟ ପଟୁଆର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ ପରେ ସୁପ୍ରିମ୍କୋର୍ଟ ଏବଂ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ରାଜ୍ୟ ସଭାପତି ପ୍ରଫୁଲ୍ଲ କୁମାର ଲିମା, ରାଜ୍ୟ ସମ୍ପାଦକ ଆଚାର୍ଯ୍ୟ ବିକାଶ ବର୍ଦ୍ଧନ, ରାଜ୍ୟ ସହସଂପାଦକ ସାଗର ବଲ୍ୟାରସିଂ, କିଶୋର ବଲ୍ୟାରସିଂ, ସନ୍ତୋଷ ଜୟପତି, ପ୍ରମୋଦ ନିଶାନ୍ତ, ଥମାସ ମାଇକେଲ୍, ରବି ରତନ, ଜି.ସୁବା ରାଓ, ଉବେଦ ସାଲସିଂ, କୁମାର ପ୍ରଶାନ୍ତ, ଶରତ ସୁକାନ୍ତ ପାଣି, ଶରତ ଚନ୍ଦ୍ର ନାୟକ, ଆଚାର୍ଯ୍ୟ ଡେଭିଡ୍ ଏଡିସନ୍, ରବିନ୍ କରାଡ଼, ସୁପ୍ରିଆନ୍ ନାୟକ, ରଂଜନ ମାଲି, ପ୍ରଶ୍ନ ମାଲି, ବାଲମିନା ଅଧିକାରୀ, ମିରା ମନ୍ତ୍ରୀ, ରମାକାନ୍ତ ବଲ୍ୟାର୍ସିଂ ଓ ବିଜୟାନନ୍ଦ ସିଂ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ୩୭୦ ଧାରା ଉଚ୍ଛେଦକୁ ସ୍ୱାଗତ

**ଆସିକା,୧୦।୮(ଡି.ଏନ୍.ଏ.):** ଜମ୍ମୁ କଶ୍ମୀରରେ ୩୭୦ ଧାରା ଉଚ୍ଛେଦକୁ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ଏବିଭିପିର ଏକ ଆଲୋଚନା ଚକ୍ରରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାରତରେ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ଦିଗରେ ଏକ ସୁଚିନ୍ତିତ ପଦକ୍ଷେପ ବୋଲି ପ୍ରକାଶ କରାଯାଇଛି। ଏବିଭିପି ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର, ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଶରତ ଚନ୍ଦ୍ର ମୁନି, ନଗର ସମ୍ପାଦକ ସ୍ୱାଗତ କୁମାର ତ୍ରିପାଠୀ, ହିମାଂଶୁ ତ୍ରିପାଠୀ, ବଳରାମ ପ୍ରଧାନ, ସୁଧାଂଶୁ ପ୍ରଧାନ, ଶୁଭମ୍ ଦାସ, ସୁରଜ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ଆଦର୍ଶ ବିଦ୍ୟାଳୟର ଅଭିଭାବକ ବୈଠକ

**ଶେରଗଡ,୧୦।୮(ଡି.ଏନ.ଏ.):** ଶେରଗଡ ସ୍ଥିତ ଆଦର୍ଶ ବିଦ୍ୟାଳୟର ଅଭିଭାବକ ମାନଙ୍କ ବୈଠକ ଶନିବାର ପଦ୍ମପୁରସ୍ଥିତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଭକ୍ତିରଞ୍ଜନ ବେହେରା ଅଧକ୍ଷତା କରିଥିଲେ। ସାମାଜିକ ବିଜ୍ଞାନ ଶିକ୍ଷକ କୁମାର ସପ୍ତଜଞ୍ଜଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟର ସୁବିଧା ଅସୁବିଧା ଉପରେ ଆଲୋଚନା ହୋଇଥିଲା। ଉକ୍ତ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ ନେଇ ଆଲୋଚନା ହୋଇଥିଲା। ଗତ ୨ଦିନ ତଳେ ହୋଇଥିବା ପ୍ରଥମ ପିରିୟଡିକ ପରୀକ୍ଷା ନେଇ ଅଧକ୍ଷ ଅବିଭାବକଙ୍କ ସମ୍ମୁଖରେ ମତ ରଖିଥିଲେ।

### ଗଳିରେ ଫସିଥିବା ଷଣ୍ଢ ଉଦ୍ଧାର

**ସୋରଡ଼ା,୧୦।୮(ଡି.ଏନ୍.ଏ):** ସୋରଡ଼ା ପୋଷ୍ଟ ଅଫିସ ପାଚେରି ସଂଲଗ୍ନ ଅଣଓସାରିଆ ଗଳିରେ ଶନିବାର ମଧ୍ୟାହ୍ନରେ ଗୋଟିଏ ଗୋରୁ ଓ ଷଣ୍ଢ ପଶିଯାଇ ଆଉ ବାହାରିପାରି ନ ଥିଲେ। ଗଳିର ୨ ପାର୍ଶ୍ୱର କାନ୍ଥରେ ଚାପି ହୋଇ ରହିଯାଇଥିଲେ। ଅପରାହ୍ନରେ ପୋଷ୍ଟାଲ ଏଜେଣ୍ଟ ବିଭୂତି ପାଢଶାଣୀ ଦେଖି ଦମକଳବାହିନୀକୁ ଜଣାଇଥିଲେ। ଦମକଳବାହିନୀ ଆସି ଉକ୍ତ କାନ୍ଥ ଭାଙ୍ଗିଲେ ବାହାରିପାରିବେ ବୋଲି କହିଥିଲେ। ତେବେ ପୋଷ୍ଟ ମାଷ୍ଟର କାନ୍ଥ ଭାଙ୍ଗିବାକୁ ଅନୁମତି ପାଇଁ ଉପରିସ୍ଥ କର୍ତ୍ତୃପକ୍ଷକୁ ଜଣାଇଥିଲେ କିନ୍ତୁ କର୍ତ୍ତୃପକ୍ଷ ମନା କରିବାରୁ ଦମକଳବାହିନୀ ଫେରିଯାଇଥିଲେ। ପରେ ସମାଜିକକର୍ମୀ ଜଗା ଦାଶ ପୁଣି ଦମକଳବାହିନୀକୁ ଡାକିଥିଲେ। ଅପରାହ୍ନ ୪ଟାରେ ଦମକଳବାହିନୀ ଆସି ଉକ୍ତ କାନ୍ଥ ଭାଙ୍ଗି ୨ ଜଣଙ୍କୁ ଉଦ୍ଧାର କରିଥିଲେ।

### ଦ୍ୱିତୀୟ ଦିନରେ ମୋ ଗୋପାଳପୁର କାର୍ଯ୍ୟକ୍ରମ

**ଗୋପାଳପୁର,୧୦।୮:** ଗୋପାଳପୁର ବେଳାଭୂମିକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ କରି ସୁନ୍ଦର କରିବା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ମୋ ଗୋପାଳପୁର କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଥିଲା। ଶନିବାର ଦ୍ୱିତୀୟ ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ ଯୋଗ ଦେଇଥିଲେ। ସ୍ୱଚ୍ଛତା ହେଉଛି ଆମ ସମସ୍ତଙ୍କ ଦାୟିତ୍ୱ। ଆମ ବେଳାଭୂମି ଆମ ସ୍ୱାଭିମାନ ଏବଂ ବେଳାଭୂମିକୁ ସଫା ରଖିବା ପାଇଁ ଆହ୍ୱାନ ଦେଇଥିଲେ। ବିଡିଓଙ୍କ ସମେତ ଗୋପାଳପୁର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ ଓ ଅନ୍ୟ ଅଧିକାରୀ, ବରିଷ୍ଠ ନାଗରିକ ମିଳିତ ହୋଇ ବେଳାଭୂମିକୁ ସଫା କରିଥିଲେ। ଏଥିରେ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

### ଅଧାପକଙ୍କ ବିୟୋଗରେ ଶୋକସଭା

**ଜଗନ୍ନାଥପ୍ରସାଦ,୧୦।୮(ଡି.ଏନ.ଏ.):** ଜଗନ୍ନାଥପ୍ରସାଦସ୍ଥିତ ଆଞ୍ଚଳିକ ଡିଗ୍ରୀ କଲେଜ ତରଫରୁ ଡ. ପ୍ରଭାକର ମହାପାତ୍ରଙ୍କ ଅକାଳ ବିୟୋଗରେ ଶନିବାର ଏକ ସ୍ମୃତିସଭା ଓ ନୀରବ ପ୍ରାର୍ଥନାର ଆୟୋଜନ କରାଯାଇଥିଲା। ସ୍ମୃତି ସଭାରେ ଭାରପ୍ରାପ୍ତ ଅଧକ୍ଷ, ଅର୍ଥନୀତି ବିଭାଗୀୟ ମୁଖ୍ୟ, ସମସ୍ତ ଅଧାପିକା ଅଧାପକ ଓ ଅନ୍ୟ କର୍ମଚାରୀବୃନ୍ଦ ଉପସ୍ଥିତ ରହି ସ୍ୱର୍ଗତ ମହାପାତ୍ରଙ୍କ ଶୃଙ୍ଖଳିତ ଜୀବନଧାରା, ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଓ ତେନ୍ତୁଳିଆ ଦେବସ୍ଥାନ ମହାବିଦ୍ୟାଳୟରେ ତାଙ୍କର ଅଧାପନା କାର୍ଯ୍ୟକୁ ମନେ ପକାଇ ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ■ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଘୋଟାଲା

# ଜବ୍‌କାର୍ଡ ନ ଛପାଇ ଲକ୍ଷାଧିକ ଟଙ୍କା ହଡ଼ପ

■ପ୍ରକଳ୍ପ ନ ଥାଇ ବିଲ୍
■ସିବିଆଇ ତଦନ୍ତ ଦାବି

**କବିସୂର୍ଯ୍ୟନଗର,୧୦।୮**

ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କବିସୂର୍ଯ୍ୟନଗରରେ ବ୍ୟାପକ ଦୁର୍ନୀତି ହୋଇଥିବା ଜଣାପଡିଛି। ପ୍ରତ୍ୟେକ ବର୍ଷ ଅନୁଦାନ ବୃଦ୍ଧି ପାଉଥିବା ବେଳେ ଶ୍ରମଦିବସ କମୁଛି। କେବଳ କାଗଜପତ୍ରରେ ପ୍ରକଳ୍ପ କରି ଟଙ୍କା ହଡପ କରାଯାଉଛି। ସୂଚନା ଅଧିକାର ଆଇନ ବଳରେ କବିସୂର୍ଯ୍ୟନଗର ବ୍ଲକରୁ ମିଳିଥିବା ତଥ୍ୟ ଅନୁଯାୟୀ ଚିଠି ନଂ.୫୫୩୯/୨୭।୧୧।୧୮ ପ୍ରକାରେ ବ୍ଲକର ୨୧ ପଞ୍ଚାୟତରେ ବିଗତ ୫ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ଅର୍ଥ ହରିଲୁଟ ତଥ୍ୟ ପଦାକୁ ଆସିଛି। ଜବକାର୍ଡ ନ ଛପାଇ ୧ ଲକ୍ଷ ୪୩ ହଜାର ୭୫୦ ଟଙ୍କାର ମିଥ୍ୟା ବିଲ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସେହିପରି ୨୦୧୩-୧୪ ଠାରୁ ୨୦୧୮-୧୯ ମଧ୍ୟରେ ଏହି ଯୋଜନାରେ ୨୦,୭୨୦ ଘରର ୬୦,୬୦୩ ଶ୍ରମିକ ପଞ୍ଜୀକୃତ ହୋଇଥିବା ସୂଚନା ମିଳିଛି। ତେବେ ଆଧାର ଲିଙ୍କ୍ ହେବା ପରେ ୪୨୪୬ ଜଣ ଶ୍ରମିକଙ୍କୁ ଜବକାର୍ଡରୁ ବାଦ୍ ଦିଆଯାଇଛି ଓ ୨୧୯୨ ଜଣଙ୍କୁ ନୂଆ କାର୍ଡ ଦିଆଯାଇଥିବା ଉଲ୍ଲେଖ ରହିଛି। ବାଦ୍ ପଡିଥିବା ଶ୍ରମିକ ଭୂତ ଶ୍ରମିକ ବୋଲି ଆଲୋଚନା ହେଉଛି। ୨୦୧୩-୧୪ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାର୍ଗଦର୍ଶିକା ଅନୁଯାୟୀ ୧୦୨୫ ଜଣ ପରିବାର, ୨୦୧୪-୧୫ରେ ୫୯୭ ପରିବାର, ୨୦୧୫-୧୬ରେ ୭୦୦ ପରିବାର, ୨୦୧୬-୧୭ ବର୍ଷରେ ୧୩୭ ପରିବାର, ୨୦୧୭-୧୮ରେ ୧୭୪ ପରିବାର ଓ ୨୦୧୮-୧୯ରେ ୪୭ ପରିବାରଙ୍କୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି। ରିପୋର୍ଟ ଅନୁଯାୟୀ ଯୋଜନାରେ ଅଗ୍ରଗତି ହୋଇନଥିବା ଦେଖିବାକୁ ମିଳିଛି। ୨୦୧୩-୧୪ ବର୍ଷ ଅପେକ୍ଷା ଅନୁଦାନ ବୃଦ୍ଧି ପାଉଥିଲେ ମଧ ଶ୍ରମ ଦିବସ କମ୍ ହେବା ଯୋଜନା ଅଧିକାରୀଙ୍କ କାର୍ଯ୍ୟକୁ ନେଇ ସନ୍ଦେହ ସୃଷ୍ଟି କରିଛି। ୨୦୦୬ରେ ଜବକାର୍ଡଧାରୀଙ୍କୁ ସାମିଲ କରିବାବେଳେ ଥରେମାତ୍ର କାର୍ଡ ଦିଆଯାଇଥିଲା। ୧୨ ବର୍ଷ ହେଲାଣି, ଉକ୍ତ କାର୍ଡ ନଷ୍ଟ ହେବାକୁ ବସିଲାଣି। କିନ୍ତୁ ଜବକାର୍ଡ ପ୍ରତିବର୍ଷ ନୂଆ ପ୍ରଦାନ କରିବା ପାଇଁ କଣ୍ଟିଜେନ୍‌ସି ଫଣ୍ଡରୁ ଲକ୍ଷ ଲକ୍ଷ ଟଙ୍କା ବିଲ କରି ଉଠାଯାଇଛି। ଭାଉଚର ନଂ.୪୭, ତା. ୩୧।୩।୧୭ରେ ଚେକ୍ ନଂ.୦୮୦୨୭୧ରେ ୧ ଲକ୍ଷ ୪୩ ହଜାର ୭୫୦ ଟଙ୍କାରେ ୨୫ ହଜାର ଜବକାର୍ଡ ପ୍ରିଣ୍ଟ କରାଯାଇଥିବା ଦର୍ଶାଯାଇଛି। କିନ୍ତୁ କୌଣସି ଶ୍ରମିକ ନୂଆ କାର୍ଡ ପାଇନଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କବିସୂର୍ଯ୍ୟନଗର ବ୍ଲକ ଏପିଓଙ୍କ ଆରଟିଆଇ ତଥ୍ୟ ପ୍ରକାରେ ୨୦୧୩-୧୪ ବର୍ଷରେ ୧୮,୪୮୧ ଜବକାର୍ଡ, ୨୦୧୪-୧୫ରେ ୧୮,୮୦୯ଟି, ୨୦୧୫-୧୬ରେ ୧୯,୧୨୯ଟି, ୨୦୧୬-୧୭ରେ ୧୯୬୪୫ଟି, ୨୦୧୭-୧୮ ବର୍ଷରେ ୨୦,୪୬୭ଟି, ୨୦୧୮-୧୯ରେ ୨୦,୬୧୩ଟି ଜବକାର୍ଡ ଇସ୍ୟୁ କରାଯାଇଥିବା ସୂଚନା ମିଳିଛି। ଜବକାର୍ଡ ସରକାରଙ୍କ ତରଫରୁ ଦିଆଯାଉଥିବାବେଳେ ଛପା କାହିଁକି ହେଲା ତାହା ସନ୍ଦେହ ସୃଷ୍ଟି କରିଛି। ଭାଜପା ନେତା ରଞ୍ଜନ ପୋଲାଇ ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି। ଏନେଇ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ସୂଚନା ଅଧିକାର ଆଇନରେ ଅଫିସରେ ମହଜୁଦ ଥିବା ତଥ୍ୟ ପ୍ରଦାନ କରାଯାଇଛି। ଅନ୍‌ଲାଇନ ବ୍ୟବସ୍ଥା ରହିଛି, ମୁଁ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଛି, ଅଭିଯୋଗର ତଦନ୍ତ କରାଯିବ ବୋଲି କହିଛନ୍ତି।

# ମନ୍ଦିର ସମ୍ମୁଖରେ ଆବର୍ଜନା ନେଇ ଜନ ଅସନ୍ତୋଷ


ମନ୍ଦିର ସମ୍ମୁଖରେ ଅବର୍ଜନା ପଡ଼ି ରହିଛି ।

**ହିଞ୍ଜିଳିକାଟୁ, ୧୦।୮(ଡି.ଏନ୍.ଏ)**

ହିଞ୍ଜିଳିକାଟୁ ମ୍ୟୁନିସିପାଲଟି ଅଞ୍ଚଳରେ ସ୍ୱଚ୍ଛତା ରକ୍ଷା ଦିଗରେ ପୌର କର୍ତ୍ତୃପକ୍ଷଙ୍କ ବିଫଳତାକୁ ନେଇ ଜନ ଅସନ୍ତୋଷ ସୃଷ୍ଟି ହେଉଛି। ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ସମେତ ମନ୍ଦିର ସମ୍ମୁଖରେ କୁଢ଼କୁଢ଼ ଅବର୍ଜନା ପଡ଼ି ରହିବାରୁ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଉଛି। ଲକ୍ଷ୍ମୀ ବଜାରରେ ଥିବା ଚନ୍ଦ୍ର କଳେଶ୍ୱର ମନ୍ଦିର ମୁଖ୍ୟ ଦ୍ୱାର ନିକଟରେ ଦୀର୍ଘଦିନ ଧରି ଅବର୍ଜନା ପଡ଼ି ରହିଛି। କିନ୍ତୁ ତାହା ସଫେଇ କରାଯାଉନାହିଁ। ମନ୍ଦିର ଦେଇ ଯାଇଥିବା ଡ୍ରେନେଜ ବହୁ ବର୍ଷ ଧରି ସଫା ହୋଇ ନ ଥିବା ମଧ୍ୟ ଅଭିଯୋଗ ହେଉଛି। ଗତ ୨ଦିନ ଧରି ବର୍ଷା ହେବା ଫଳରେ ଅବର୍ଜନା ଜମି ରହିବା ସ୍ଥାନରେ ଦୁର୍ଗନ୍ଧ ହେଉଛି। ଏଥିସହ ମନ୍ଦିର ପରିସରରେ ଭୋଜିଭାତ ଆୟୋଜନ ହେଉଥିବାରୁ ପରିତ୍ୟକ୍ତ ସାମଗ୍ରୀ ଏଣେତେଣେ ପଡ଼ି ରହି ଅର୍ବଜନା ସୃଷ୍ଟି ହେଉଛି। ତେଣୁ ଅଭର୍ଜନା ହଟାଇବା ସହ ଡ୍ରେନ୍ ସଫେଇ ପାଇଁ ଶୀଘ୍ର ପଦକ୍ଷେପ ନେବାକୁ ଦାବି ହୋଇଛି।

# ଅବ୍ୟବସ୍ଥା ଘେରରେ ଜନତା ନୋଡାଲ ହାଇସ୍କୁଲ

**ବେଗୁନିଆପଡ଼ା,୧୦।୮(ଡି.ଏନ.ଏ.)**

ବେଗୁନିଆପଡ଼ା ଜନତା ନୋଡ଼ାଲ ହାଇସ୍କୁଲ ଅବ୍ୟବସ୍ଥା ଘେରରେ ରହିଛି। ୨ ବର୍ଷ ପୂର୍ବେ ଏହି ବିଦ୍ୟାଳୟରେ ୬ଷ୍ଠ ଓ ସପ୍ତମ ଶ୍ରେଣୀ ଅଲଗା ଥିବା ବେଳେ ହାଇସ୍କୁଲ ଅଧୀନରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିଲା। ପରେ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଏଠାରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ମିଶାଇ ଶିକ୍ଷାଦାନ ଦିଆଯାଉଛି। ବର୍ତ୍ତମାନ ଏହି ସ୍କୁଲରେ ୭୧୧ଜଣ ପିଲା ପଢୁଛନ୍ତି। କିନ୍ତୁ ଏମାନଙ୍କୁ ପଢ଼ାଇବା ପାଇଁ ବର୍ତ୍ତମାନ ୧୩ ଶିକ୍ଷୟିତ୍ରୀ ଶିକ୍ଷକ ଥିବା ବେଳେ ଗଣିତ ଓ ସଂସ୍କୃତ ଶିକ୍ଷକ ନାହାନ୍ତି। ୨୦୧୩ରୁ ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାନ୍ତି, ନବମ ଓ ଦଶମ ଶ୍ରେଣୀରେ ପିଲାଙ୍କ ପାଇଁ ସେକ୍ସନ ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ଏହା ହୋଇପାରୁନାହିଁ। ସ୍କୁଲ ପରିସରରେ ବିଇଓ କାର୍ଯ୍ୟାଳୟ ଥିବା ଯୋଗୁ ଏବଂ ନିକଟରେ ବିଦ୍ୟାଳୟକୁ ଲାଗି ଷ୍ଟାଡିୟମ ଥିବାରୁ ବିଦ୍ୟାଳୟର ନିର୍ଦ୍ଦିଷ୍ଟ ସୀମା ପାଚେରି ନାହିଁ। ଏ ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କେ.ଭୀମରାଜୁ ପାତ୍ରଙ୍କ ସହ ଯୋଗାଯୋଗରେ ସେ କହିଛନ୍ତି ସ୍କୁଲ ସମୟରେ ଷ୍ଟାଡିୟମରେ ଖେଳ ଚାଲିବା ଦ୍ୱାରା ପିଲାଙ୍କ ପଢାରେ ଅସୁବିଧା ହେଉଛି। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଏହି ଷ୍ଟାଡିୟମରେ ହେଉଥିବାରୁ ପାଚେରି ଭିତରକୁ ଖୋଲା ରାସ୍ତା ରହିଛି। ତେଣୁ ଅନେକ ଅସୁବିଧା ହେଉଛି। ତେବେ ସ୍ଥାୟୀ ପ୍ରଧାନ ଶିକ୍ଷକ, ଗଣିତ ଓ ସଂସ୍କୃତ ଶିକ୍ଷକ ସହିତ ଅଡିଟୋରିୟମ ହଲ ପାଇଁ ଦାବି ହେଉଛି।


ଜନତା ନୋଡାଲ ହାଇସ୍କୁଲ।

## ଶେରଗଡରେ 'ମୋ ନିବେଦନ' କାର୍ଯ୍ୟକ୍ରମ ଆରମ୍ଭ

**ଶେରଗଡ଼,୧୦।୮(ଡି.ଏନ.ଏ.)**

ଶେରଗଡ଼ ବ୍ଲକ କୁମାରପାଣି ପଞ୍ଚାୟତ ରାଜୀବଗାନ୍ଧୀ ସେବାକେନ୍ଦ୍ରରେ ଗୁରୁବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣୀ ମୋ ନିବେଦନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବିଭିନ୍ନ ଗ୍ରାମ ସାମାସ୍ୟା ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଆରମ୍ଭ କରିଥିଲେ। କୁମାରପାଣିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକମାନେ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିଲେ। ବହୁ ଅଭିଯୋଗର ଶୁଣାଣି ହୋଇଥିଲା। କାର୍ଯ୍ୟକ୍ରମରେ ବିଡ଼ିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ଼. ଦୟାସିନ୍ଧୁ ପରିଡା, ସହକାରୀ କୃଷି ଅଧିକାରୀ ସୁବ୍ରତ କୁମାର ବାରିକ, ଶୁଭ୍ରକାନ୍ତ ବାରିକ, ଉଦ୍ୟାନକୃଷି ଅଧିକାରୀ ସୌରଭ ପାଣିଗ୍ରାହୀ, କୁମାରପାଣି ସରପଞ୍ଚ ଲକ୍ଷ୍ମୀ ପ୍ରଧାନ, ସହକାରୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ସଚେତନତା ଶିବିର

**ଦିଗପହଣ୍ଡି,୧୦।୮(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ଚୌଧୁରୀ ଟିକରପଡା, ଗଡ ଗୋବିନ୍ଦପୁର, ଗୌଡଗାଁ, ଜକର, କରପଡା, କଇଠଡ଼ା ଆଦି ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ବର୍ଜ୍ୟବସ୍ତୁ ପରିଚାଳନା ଓ ଗ୍ରାମ୍ୟ ପରିମଳ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଚୌଧୁରୀ ଟିକରପଡା ପଞ୍ଚାୟତରେ ବିଡିଓ ହଳଧର ଶବର, ଜକର ପଞ୍ଚାୟତରେ ଜିପିଓ ରମାକାନ୍ତ ଚୌଧୁରୀ ଲୋକଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନ କରିଥିଲେ। ସେହିପରି ଗୋକର୍ଣ୍ଣପୁର ଗ୍ରାମ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ପଞ୍ଚାୟତ ସରପଞ୍ଚ ମିନତି କୁମାରୀ ଦେବୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗୋକର୍ଣ୍ଣପୁର ସମବାୟ ସମିତି ସଭାପତି ଅସିତ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ଇଂ. ପରମେଶ୍ୱରୀ ପାତ୍ର, ଗ୍ରାମ ରୋଜଗାର ସେବକ ଜି. ଗଣେଶ ରେଡ୍ଡୀ ଗ୍ରାମବାସୀମାନଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନ କରିବା ସହ ପଲିଥିନ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଜାଗିଲି ସାହୁ ସଂଯୋଜନା କରିଥିଲେ।


ଗୋକର୍ଣ୍ଣପୁର ଗ୍ରାମରେ ସଚେତନତା ସଭା।

# ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା

**ଶେରଗଡ,୧୦।୮(ଡି.ଏନ.ଏ.)**

ଶେରଗଡ ସ୍ଥିତ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ତର୍କ, ରଚନା, ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଶୈଳନ୍ଦ୍ରୀ ଦଳେଇ ଏହାର ଶୁଭାରମ୍ଭ କରିଥିଲେ । ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରାୟ ୨୦୦ରୁ ଅଧିକ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର ଓ ସିଆର୍‌ସିସି ବିଷ୍ଣୁଚରଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ରଚନା ପ୍ରତିଯୋଗୀତାରେ ଜେ. ରାମେଶ୍ୱର ପାତ୍ର, ତର୍କରେ ନୀଳାଞ୍ଚଳ ମହାନ୍ତି, ସଙ୍ଗୀତରେ ସରସ୍ୱତୀ ସ୍ୱାଇଁ, ଚିତ୍ରାଙ୍କନରେ ଅର୍ଚ୍ଚନା ମଲ୍ଲିକ ପ୍ରଥମ ହୋଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଉଚ୍ଚ ବିଦ୍ୟାଳୟର କର୍ମକର୍ତ୍ତା ସମସ୍ତ ସିଆରସିସି ଓ ମହାତ୍ମାଗାନ୍ଧୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ଗଣେଶ ପୂଜା ପ୍ରସ୍ତୁତି ବୈଠକ

**ଗଞ୍ଜାମ,୧୦।୮(ଡି.ଏନ.ଏ.)**

ପୁଇଁତୋଳା ସାଂସ୍କୃତିକ ହଲରେ ଶୁକ୍ରବାର ଗଣେଶ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ସେପ୍ଟେମ୍ବର ୨ରେ ହେବାକୁ ଥିବା ଗଣେଶ ପୂଜା ପାଇଁ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ସୁନୀଲ କୁମାର ବାରିକି, ସମ୍ପାଦକ ଦିଲୀପ କୁମାର ବାରିକି, କୋଷାଧକ୍ଷ ଅନିଲ କୁମାର ବାରିକିଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଗଣେଶ ପୂଜା କିପରି ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହେବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା।

## ଡିଇଓଙ୍କ ହସ୍ତକ୍ଷେପ ପରେ ସ୍କୁଲ ସମସ୍ୟା ସମାଧାନ

**ବେଗୁନିଆପଡ଼ା,୧୦।୮(ଡି.ଏନ.ଏ.)**

ଦୀର୍ଘଦିନ ଧରି ଚାଲିଥିବା ବେଗୁନିଆପଡ଼ା ବ୍ଲକ ସୁମଣ୍ଡଳ ସ୍ଥିତ ରବି ଘୋଷ ନୋଡାଲ ହାଇସ୍କୁଲର ଅବ୍ୟବସ୍ଥା ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡାଙ୍କ ହସ୍ତକ୍ଷେପ ଯୋଗୁ ସମାଧାନ ହୋଇଛି। ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ବିଦ୍ୟାଳୟ ପରିସରରେ ଥିବା ୟୁପି ସ୍କୁଲ ଓ ହାଇସ୍କୁଲର ମିଶ୍ରଣ ହୋଇ ନୋଡାଲ ହାଇସ୍କୁଲ ହୋଇଥିଲା। ପରେ ଏଠାରେ ପ୍ରଧାନ ଶିକ୍ଷକ ରହିଥିଲେ ସୁଦ୍ଧା ବିଦ୍ୟାଳୟ ପରିଚାଳନା କମିଟି ଗଠିତ ନ ହେବା ସହ ଛାତ୍ରୀଛାତ୍ରମାନଙ୍କୁ ଗତବର୍ଷରୁ ପୋଷାକ ବଣ୍ଟନ କରାଯାଇନଥିଲା। ଏ ନେଇ ସୁମଣ୍ଡଳବାସୀ ଜିଲା ଶିକ୍ଷାଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସହ ଗତ ୨୯ ତାରିଖରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲା। ସେହିଦିନ ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା, ଜିଲା କ୍ରୀଡା ନିରୀକ୍ଷକ ଭାଗୀରଥି ସ୍ୱାଇଁ, ବେଗୁନିଆପଡ଼ା ବିଇଓ କମଳାକାନ୍ତ ସାହୁ ପ୍ରମୁଖ ଉକ୍ତ ବିଦ୍ୟାଳୟକୁ ଆସି କମିଟି କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ନିର୍ଦ୍ଦେଶରେ ଶନିବାର ବିଦ୍ୟାଳୟ ପରିସରରେ ସରପଞ୍ଚ ସନ୍ତୋଷିନୀ ସାହୁ, ବିଇଓ, ଜିଲା କ୍ରୀଡା ନିରୀକ୍ଷକ, ପରିଚାଳନା କମିଟି ଅଧକ୍ଷ ବସନ୍ତ ପାଣ୍ଡି, ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ଗତବର୍ଷର ପୋଷାକ ପିଲାଙ୍କୁ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଥିବା ଦୁଇଟି କାର୍ଯ୍ୟାଳୟକୁ ଗୋଟେ କରିବା ସହ ହାଇସ୍କୁଲ ଶିକ୍ଷକ ଓ ପ୍ରାଥମିକ ଶିକ୍ଷକ ମିଶି ପିଲାଙ୍କୁ ପଢାଇବା ପାଇଁ ନିଷ୍ପତ୍ତି ହୋଇଥିଲା।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟିକା ଓ ଅନ୍ୟମାନେ।

**ପୁରୁଷୋତ୍ତମପୁର,୧୦।୮(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ବ୍ଲକ ପ୍ରତାପୁର ଗ୍ରାମରେ ଶନିବାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଉଦ୍‌ଘାଟନ କରାଯାଇଛି। ଏଥିରେ ସରପଞ୍ଚ ଛବିଲତା ନାୟକ ପୌରହିତ୍ୟ କରିଥିବା ବେଳେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ମୁଖ୍ୟଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ସୂର୍ଯ୍ୟନାରାୟଣ ପଣ୍ଡା, ଉପାଧକ୍ଷା ବବିତା ରାଉଳ, ବିଡିଓ ସତ୍ୟସୁନ୍ଦର ରାଉତ, ବ୍ଲକ ବିଜେଡି ସଭାପତି ଦିଗମ୍ବର ପାଣିଗ୍ରାହୀ, ଜିଲା ବିଜେଡି ଉପସଭାପତି ଗୌରୀଶଙ୍କର ରାଉଳ, କାହ୍ନୁଚରଣ ନାୟକ, ସୁଦର୍ଶନ ନାୟକ ପ୍ରମୁଖ ଯୋଗଦେଇ ପ୍ରାୟ ୧୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱରେ ବିଭିନ୍ନ ସ୍ଥାନରେ ନିର୍ମିତ ଚାରିଗୋଟି କୋଠଘରର ଉଦ୍‌ଘାଟନ କରିଥିଲେ।

# ଶିକ୍ଷକ ସଂଘର ସାଧାରଣ ଅଧିବେଶନ

**ଆସିକା,୧୦।୮(ଡି.ଏନ୍.ଏ.)**

ଆସିକା ବ୍ଲକ୍ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଏକ ସାଧାରଣ ଅଧିବେଶନ ଶନିବାର ମଧ୍ୟାହ୍ନରେ ଆସିକାସ୍ଥିତ ସତ୍ୟନାରାୟଣ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଜୟରାମ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଚିତ୍ର ବିହାରୀ ଦାସ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଅଣ ଗେଜେଡେଟ୍ କର୍ମଚାରୀ ସମନ୍ୱୟ ସମିତିର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ତ୍ରିପାଠୀ ଏବଂ ମୁଖ୍ୟବକ୍ତା ରୂପେ ଜିଲା ସଭାପତି ସମୀର୍ କୁମାର ଆଚାର୍ଯ୍ୟ ଯୋଗଦେଇଥିଲେ। ଏତଦ୍ ଅବସରରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘକୁ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସଂଘ ସହ ସହବନ୍ଧିତ ଘୋଷଣା କରାଯାଇଥିଲା। ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ସହ ସମସ୍ୟାର ସମାଧାନ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ହେୟ ମନୋଭାବକୁ ନେଇ ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଆସିକା ବ୍ଲକର୍ ଶିକ୍ଷକମାନଙ୍କୁ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ, ଚାକିରୀର ୧୦ ବର୍ଷ, ୨୦ ବର୍ଷ ଓ ୩୦ ବର୍ଷ କାର୍ଯ୍ୟକାଳ ପରେ ପଦୋନ୍ନତି ଭଳିକ ଆର୍ଥିକ ପ୍ରୋତ୍ସାହନ ଏବଂ ୨ବର୍ଷ ହେଲା ଅନୁସୂଚିତ ବର୍ଗ ଓ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କ ଠାରୁ ଜାତିଗତ ସାର୍ଟିଫିକେଟ୍ ଲାଗି ଆଦାୟ କରାଯାଇ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଟଙ୍କା ଦାଖଲ ହୋଇଥିଲେ ମଧ ସାର୍ଟିଫିକେଟ୍ ଦିଆଯାଉନଥିବା ଯୋଗୁ ଛାତ୍ରୀଛାତ୍ରମାନେ ବିଭିନ୍ନ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବାରୁ ଏହାର ସମାଧାନ ନିମନ୍ତେ ଦାବି କରାଯାଇଥିଲା। ଏନେଇ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ ଲାଗି ବୈଠକରେ ଆଲୋଚନା ହୋଇଥିଲା। ଆସନ୍ତା ବର୍ଷ ଲାଗି ସଂଘର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସନ୍ତୋଷ କୁମାର ସେଠୀ ସଭାପତି, ବାୟାମନ ପଣ୍ଡା କାର୍ଯ୍ୟକାରୀ ସଭାପତି, ଶିବଶଙ୍କର ଜେନା ଉପସଭାପତି, ସରୋଜ କୁମାର ନାୟକ ସମ୍ପାଦକ, ଜୟରାମ ନାୟକ ଓ ଅବନୀକାନ୍ତ ବେହେରା ସଙ୍ଗଠନ ସମ୍ପାଦକ, ଗଣପତି ସେଠୀ ସହ-ସମ୍ପାଦକ ଓ ଅରବିନ୍ଦ ପାଢୀ କୋଷାଧକ୍ଷ ରୂପେ ନିର୍ବାଚିତ ହୋଇଥିଲେ।


ଅଧିବେଶନରେ ମଞ୍ଚାସୀନ ଅତିଥି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ରବିବାର, ଅଗଷ୍ଟ ୧୧/୨୦୧୯ Berhampur, Sunday, August 11/2019

## ସଂକ୍ଷେପରେ

### ଅପହୃତା ଯୁବତୀ ଉଦ୍ଧାର, ଅପହର୍ତ୍ତା ଅଟକ

ଦିଗପହଣ୍ଡି,୧୦।୮(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ଅଞ୍ଚଳର ଜଣେ ଅପହୃତା ଯୁବତୀଙ୍କୁ କେ.ନୂଆଗାଁ ପୋଲିସ ଶନିବାର ଉଦ୍ଧାର କରିଛି। ଅପହର୍ତ୍ତା ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଝିଅଙ୍କୁ ଅପହରଣ କରାଯାଇଥିବା ନେଇ ଗତ ଜାନୁୟାରୀ ୫ ତାରିଖରେ ତାଙ୍କ ବାପା ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୋଲିସ ନଂ. ୪/୧୯ ଦଫା ୩୬୩ ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲା। ଶୁକ୍ରବାର ସନ୍ଧ୍ୟାରେ ଯାଜପୁର ରୋଡ ବସ୍‌ଷ୍ଟାଣ୍ଡ ଅଞ୍ଚଳରୁ ଅପହର୍ତ୍ତା ନୀଳମଣି ପାତ୍ରଙ୍କୁ ପୋଲିସ ଧରିବା ସହ ଅପହୃତା ଯୁବତୀଙ୍କୁ ଉଦ୍ଧାର କରିଛି।

### ନାଳରେ ଭାସି ଯାଇଥିବା ଧୀବରଙ୍କ ମୃତଦେହ ଉଦ୍ଧାର

ବୁଗୁଡ଼ା,୧୦।୮(ଡି.ଏନ.ଏ.)-ବୁଗୁଡ଼ା ଥାନା କଞ୍ଚୁଡ଼ୁ ଗ୍ରାମର ଜଣେ ଧୀବରଙ୍କ ନାଳରେ ଭାସି ଯାଇଥିବା ମୃତଦେହକୁ ଶନିବାର ବାଲିପଦର ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଦୀନବନ୍ଧୁ ବେହେରା (୫୫)। ଏ ନେଇ ବୁଗୁଡ଼ା ପୋଲିସ ନଂ. ୧୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବୁଧବାର ଦୀନବନ୍ଧୁ ମାଛ ଧରିବାକୁ ଜାଲ ନେଇ କଞ୍ଚୁଡ଼ୁ ଓ ଝୋଲାରୀ ମଝିରେ ଥିବା ନଈବର ନାଳକୁ ଯାଇଥିଲେ। ସେଠାରେ ହଠାତ୍ ବନ୍ୟା ଜଳ ଆସିବାରୁ ନାଳରେ ଭାସି ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବା ଯୋଗୁ ପରିବାର ଲୋକେ ବହୁ ଖୋଜାଖୋଜି କରି ପାଇନଥିଲେ। ତେବେ ଜଣେ ବ୍ୟକ୍ତି ଦୀନବନ୍ଧୁ ନାଳରେ ଭାସି ଯାଉଥିବାର ଦେଖି କହିଥିଲେ। ବୁଗୁଡ଼ା ଅଗ୍ନିଶମ ବିଭାଗୀୟ ଅଧିକାରୀ ଉମା ଚରଣ ଭଞ୍ଜମିଶ୍ରଙ୍କ ନେତୃତ୍ୱରେ କର୍ମଚାରୀମାନେ ଦୁଇଦିନ ଧରି ବହୁ ଖୋଜାଖୋଜି କରିଥିଲେ ମଧ ପତ୍ତା ମିଳିନଥିଲା। ଶନିବାର ପୁଣି ବାଲିପଦର ପୋଲିସ ଓ ଦୀନବନ୍ଧୁଙ୍କ ପରିବାର ନଈବର ନାଳକୁ ଯାଇ ଖୋଜିବାରୁ ମଧାହ୍ନରେ ମୃତଦେହ ଉଦ୍ଧାର ହୋଇଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଥିବା ବାଲିପଦର ଫାଣ୍ଡି ଅଧିକାରୀ ଭଗବାନ ପୂଜାରୀ କହିଛନ୍ତି।

### ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ସହର ଅନ୍ଧାର

ଜି.ଉଦୟଗିରି,୧୦।୮(ଡି.ଏନ.ଏ.)- ଜି.ଉଦୟଗିରିରେ ଶୁକ୍ରବାର ରାତି ୧୨ଟାଠାରୁ ବିଦ୍ୟୁତ ନ ଥିବାରୁ ସହର ଅନ୍ଧାରରେ ରହିଛି। ବିଦ୍ୟୁତ୍ ନ ଥିବା ଯୋଗୁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଲୋକେ ପାଣି ଉଠାଇ ପାରୁନାହାନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ପବିତ୍ର ସାହୁଙ୍କୁ ପଚାରିବାରୁ ସହରରେ ଏକ ବିଲ ମଝିରେ ବିଦ୍ୟୁତ ଖୁଣ୍ଟ ପଡ଼ିଯିବା ଯୋଗୁ ବିଦ୍ୟୁତ ସରବରାହ ବନ୍ଦ ଅଛି। ବର୍ତ୍ତମାନ ବିଦ୍ୟୁତ୍ ଖୁଣ୍ଟକୁ ଉଠାଯାଇ ତାର ଯୋଡ଼ାଯାଉଛି। କାମ ସରିଲେ ବିଦ୍ୟୁତ୍ ଯୋଗାଣ କରାଯିବ ବୋଲି କହିଛନ୍ତି।

### ମିନିବସ୍ ଓଲଟି ୧୩ ଆହତ

ଶଙ୍କରାଖୋଲ,୧୦।୮(ଡି.ଏନ.ଏ.)- ଟିକାବାଲି ନିକଟ କୋଚିଲା ଗଡନାଳ ଡାଇଭର୍ସନ ରୋଡରେ ଶନିବାର ଏକ ମିନିବସ୍ ଓଲଟି ପଡିବାରୁ ୧୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଜିଉଦୟଗିରିର ଫିରଜା ପ୍ରଧାନ, ଅଞ୍ଜୁଳା ପ୍ରଧାନ, ଅମିତ କୁମାର ପ୍ରଧାନ, ସାରଙ୍ଗଗଡ ଥାନା ରତିଙ୍ଗ ଗ୍ରାମର ସାବିତ୍ରୀ ମୁଖୀ, ପରିବନ ମୁଖୀ, ବ୍ରାହ୍ମଣୀଗାଁର ରଞ୍ଜିତ ମଲିକ, ପିଡ଼ାଲିମାହାର କିରନ ମଲିକ, ଟିକାବାଲିର ପଲଭି ବଗର୍ତ୍ତି, ଲଚ୍ଛମା ବଗର୍ତ୍ତୀ, ପାଟାପଦର ଜୟନ୍ତ ବଗର୍ତ୍ତି, ବିମିପଡାର ମୌସୁମୀ ଦିଗାଳ, ମଞ୍ଜୁଳ ପ୍ରଧାନ, ଚକାପାଦ ଥାନା ନନ୍ଦିନୀର କମ୍ବୁପାଣୀ ନାୟକ। ୩୦ ଜଣ ଯାତ୍ରୀଙ୍କୁ ନେଇ ମିନିବସଟି ଫୁଲବାଣୀରୁ ଜି.ଉଦୟଗିରିକୁ ଯାଉଥିବା ବେଳେ କୋଚିଲାଗଡ ନାଳ ଡାଇଭର୍ସନ ରୋଡରେ ବ୍ରେକ ଫେଲ୍ ହେବାରୁ ଓଲଟି ପଡ଼ିଥିଲା। ଆହତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ଟିକାବାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଯମୁନା ନାୟକ ଗୁରୁତର ହେବାରୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଦୁର୍ଘଟଣା ଯୋଗୁ ଜି.ଉଦୟଗିରିକୁ ୨ ଘଣ୍ଟା ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଟିକାବାଲି ଥାନା ଆଇଆଇସି ରେବତୀ ଶବର ପହଞ୍ଚି ରାସ୍ତାରୁ ମିନିବସ୍‌କୁ ହଟାଇବା ପରେ ଚଳାଚଳ ଗାଡି ସ୍ୱାଭାବିକ ହୋଇଛି।

# ବନ୍ଧୁକ ଦେଖାଇ ଲୁଟିନେଲେ ୮ ହଜାର

ଆସିକା,୧୦।୮(ଡି.ଏନ୍.ଏ.)

କବିସୂର୍ଯ୍ୟନଗର ମୁଖ୍ୟସଡକ କଲେଜ ଛକ ସଂଲଗ୍ନ ରାସ୍ତାରେ ଶନିବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଦୁର୍ବୃତ୍ତ ଜଣେ ମିଠା ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ୮ ହଜାର ଟଙ୍କା ଲୁଟି ନେଇଛନ୍ତି। ସେ ହେଲେ ଗାଙ୍ଗପୁର ଥାନା ନିମିନା ଗ୍ରାମର ଶିଶିଲ ପାତ୍ର।

ଶିଶିଲ ଜଣେ ମିଠା ବ୍ୟବସାୟୀ। ଶନିବାର ମିଠା ବିକ୍ରି କରିବାକୁ ବାଇକରେ କବିସୂର୍ଯ୍ୟନଗର ଯାଉଥିଲେ। କଲେଜ ଛକ ନିକଟ ରାସ୍ତାରେ ଏକ ବାଇକରେ ୩ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅଟକାଇଥିଲେ। ପରେ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ତାଙ୍କ ପାଖରେ ଥିବା ୮ ହଜାର ଟଙ୍କା ଝାମ୍ପି ନେଇ ଫେରାର୍ ହୋଇଯାଇଥିଲେ। ଖବର ପାଇ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଶିଶିଲ୍ ଆସିକା ଥାନାରେ ଅଭିଯୋଗ କରିବାରୁ ନଂ.୨୫୫/୧୯ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସାହୁ ସୂଚନା ଦେଇଛନ୍ତି।

ସୂଚନା ଯୋଗ୍ୟ ଯେ, ଗତ ୨ମାସ ମଧ୍ୟରେ ଆସିକା ଥାନା ଇଲାକାରେ ବନ୍ଧୁକଧାରୀ ଲୁଟେରାଙ୍କ ଏହା ତୃତୀୟ ଘଟଣା। ଏଥି ପୂର୍ବରୁ ଗତ ଜୁଲାଇ ୬ରେ ନିରାଳ ନିକଟରେ ଘରୋଇ ଅର୍ଥଲଗାଣକାରୀ ସଂସ୍ଥା କର୍ମଚାରୀ ଅଜିତ୍ କୁମାର ସାହୁଙ୍କ ଠାରୁ ୨ ଲକ୍ଷ ୪୭ ହଜାର ଓ ଅଗଷ୍ଟ ୧ରେ ଭେଟନଇ ପଲ୍ଲୀମାଳ ନିକଟରେ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର ମହିଳା କର୍ମଚାରୀଙ୍କ ଠାରୁ ୧ଲକ୍ଷ ୪୮ ହଜାର ଟଙ୍କା ଲୁଟି ନେଇଥିଲେ। ସମସ୍ତ ଘଟଣାରେ ୩ଜଣ ଦୁର୍ବୃତ୍ତ ବାଇକରେ ଆସି ଲୁଟ୍ କରୁଛନ୍ତି। ତେବେ ଏପର୍ଯ୍ୟନ୍ତ ସେମାନଙ୍କ ଟେର୍ ପାଉନି ପୋଲିସ।




# ଚାପ ପକାଇ ଦାବି ହାସଲ କରିବାକୁ ନିଷ୍ପତ୍ତି

ଭଞ୍ଜନଗର,୧୦।୮(ଡି.ଏନ.ଏ.)

ବ୍ରହ୍ମପୁର ଭାୟା ଭଞ୍ଜନଗର ସମ୍ବଲପୁର ରେଳ ଲାଇନ ଦାବି ନେଇ ଭଞ୍ଜନଗର ବାର୍ ଆସୋସିଏଶନ କାର୍ଯ୍ୟାଳୟ ପରିସରରେ ଶନିବାର ଏକ ବୈଠକ ହୋଇଯାଇଛି। ବୈଠକରେ ଗଞ୍ଜାମ, କନ୍ଧମାଳ ଓ ବୌଦ୍ଧ ଜିଲାର ବିଭିନ୍ନ ବାର ଆସୋସିଏଶନ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କନ୍ଧମାଳ ଓ ବୌଦ୍ଧ ଜିଲାବାସୀ ଏ ଯାଏ ରେଳଲାଇନ ଦେଖିନାହାନ୍ତି। ଅନ୍ୟପକ୍ଷରେ ଦେଶ ସ୍ୱାଧୀନ ହେବା ପୂର୍ବରୁ ଗଞ୍ଜାମ ଜିଲାରେ ଯେତିକି ରେଳଲାଇନ ଥିଲା ବର୍ତ୍ତମାନ ସେତିକି ଅଛି। କେନ୍ଦ୍ର ସରକାର ରେଳଲାଇନ ସଂପ୍ରସାରଣ ଯୋଜନା କରୁନାହାନ୍ତି। ବିଭିନ୍ନ ସମୟରେ ଏ ନେଇ ଦାବି ଉପସ୍ଥାପନ କରାଯାଉଥିଲେ ମଧ୍ୟ ଗୁରୁତ୍ୱ ଦିଆଯାଉନି। ତେଣୁ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ପଦକ୍ଷେପ ନିଆଯିବ। ଦାବି ହାସଲ ପାଇଁ ବିଭିନ୍ନ ସଙ୍ଗଠନକୁ ଏକାଠି କରିବାକୁ ହେବ। ବିଭିନ୍ନ ରାଜନୈତିକ ଦଳ, ନିର୍ବାଚିତ ପ୍ରତିନିଧି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଚାପ ପଡ଼ିଲେ ଯାଇ ଦାବି ପୂରଣ ହୋଇପାରିବ। ତେଣୁ ଆନ୍ଦୋଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଭଞ୍ଜନଗର ବାର ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ଼ ଅଧକ୍ଷତା କରିଥିଲେ। ସମ୍ପାଦକ ଅଶୋକ ଜେନା ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବ୍ରହ୍ମପୁର ବାର ଆସୋସିଏଶନର ପୂର୍ବତନ ସଭାପତି ମୋହନ ସିଂଘାରୀ, ଆସିକା ବାର ଆସୋସିଏଶନର ସଭାପତି ସରୋଜ ତ୍ରିପାଠୀ, ଭାରତ ବିକାଶ ପରିଷଦ ସଭାପତି ସୁରେଶ ପାଣିଗ୍ରାହୀ, ହିଞ୍ଜିଳି ସମ୍ପାଦକ ମାନସ ପାଢ଼ୀ, ଆଇନଜୀବୀ ଏମ୍.ତାଜ୍ ଆଦେନୀ, ଦିବାକର ନାୟକ, ସନ୍ତୋଷ ନାୟକ, ସନ୍ତୋଷ ତ୍ରିପାଠୀ, ସନ୍ତୋଷ ତିଆଡ଼ି, ଦଣ୍ଡପାଣି ସ୍ୱାଇଁ, ବିନୟ କୁମାର ରଥ, କବିସୂର୍ଯ୍ୟନଗରର ବି.ଶଙ୍କର ପାତ୍ର, ଜି.ଉଦୟଗିରି ବାର ଆସୋସିଏଶନର ପୂର୍ବତନ ସଭାପତି ବୁଲିୟାନ ନାୟକ, ଦାରିଙ୍ଗିବାଡ଼ିର ଦିଲୀପ ବଳିଆରସିଂ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

**ରେଳ ଲାଇନ ଦାବି ନେଇ ବୈଠକ**


ଆଇନଜୀବୀ ଦିବାକର ନାୟକ ଉଦ୍‌ବୋଧନ ଦେଉଛନ୍ତି।

# ବ୍ରହ୍ମପୁର ଡିଭିଜନ ବୀମା କର୍ମଚାରୀ ସଂଘ ସମ୍ମିଳନୀ


କର୍ମଚାରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଭଞ୍ଜନଗର,୧୦।୮(ଡି.ଏନ.ଏ)

ବ୍ରହ୍ମପୁର ଡିଭିଜନ ବୀମା କର୍ମଚାରୀ ସଂଘର ୨୯ତମ ବାର୍ଷିକ ସମ୍ମିଳନୀ ଶନିବାର ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଛି। ଏଥିରେ ଯୋଗଦେଇ ବକ୍ତାମାନେ କହିଥିଲେ, କେନ୍ଦ୍ର ସରକାର ବିଭିନ୍ନ ଲାଭଜନକ ରାଷ୍ଟ୍ରାୟତ୍ତ ସଂସ୍ଥାରୁ ଅଂଶଧନ ପ୍ରତ୍ୟାହାର କରିବାରେ ଲାଗିଛନ୍ତି। ବୀମା କ୍ଷେତ୍ରରୁ ମଧ୍ୟ ଅଂଶଧନ ପ୍ରତ୍ୟାହାର କରିବା ପ୍ରକ୍ରିୟା ଚାଲିଛି। ଏହା ହେଲେ ସ୍ଥିତି ଅସମ୍ଭାଳ ହେବ। ଇ.ସି.ଜେଡ୍.ଆଇ.ଇ.ଏ. ସଭାପତି, ପାଟନା ପ୍ରଦୀପ କୁମାର ମୁଖାର୍ଜୀ ମୁଖ୍ୟଅତିଥି, ଓ.ଏସ୍.କେ.ଇ.ଏମ୍. ଓଡ଼ିଶା ସମ୍ପାଦକ ରବି ନାରାୟଣ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବୀମା କର୍ମଚାରୀଙ୍କ ଆଗାମୀ ଭବିଷ୍ୟତ ଏବଂ ରଣନୀତି ଉପରେ କହିଥିଲେ। ରାଷ୍ଟ୍ରାୟତ ବୀମା ଶିଳ୍ପର ସୁରକ୍ଷା ପାଇଁ ଶପଥ ନେବାକୁ ପଡ଼ିବ। ମଜୁରି ସଂଶୋଧନ ଏବଂ ନୂତନ ନିଯୁକ୍ତି ଦାବିରେ ଆନ୍ଦୋଳନକୁ ଜୋରଦାର କରିବାକୁ ହେବ ବୋଲି କୁହାଯାଇଥିଲା। ଏଥିସହ ଠିକା ଓ ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ବୈଠକରେ ଦାବି କରାଯାଇଥିଲା। ସମ୍ମିଳନୀ ଅଧକ୍ଷ ଏ.ଭି.ଏସ୍. ଗିରି, ବ୍ରହ୍ମପୁର ବୀମା କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଥ, ଆଭ୍ୟର୍ଥନା କମିଟି ଅଧକ୍ଷ ସୋମନାଥ ନାୟକ, କବି ପ୍ରଶାନ୍ତ ମହାନ୍ତି, ଭୁବନେଶ୍ୱର ମଣ୍ଡଳ କର୍ମଚାରୀ ସଂଘ ସମ୍ପାଦକ ବି.ବି.ନାୟକ, ଲେଖକ ବିଶ୍ୱରଞ୍ଜନ ମିଶ୍ର, କଟକ ଡ଼ିଭିଜନ ସାଧାରଣ ସମ୍ପାଦକ ଅଭୟ ଦାସ, ଶ୍ରମିକ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ହରିକୃଷ୍ଣ ସାହୁ, ତ୍ରିନାଥ ଦୋରା, ପ୍ରଭାକର ନାହାକ, ବସନ୍ତ କୁମାର ସାହୁ ପ୍ରମୁଖ ପ୍ରଥମ ଅଧିବେଶନ ଆଲୋଚନାରେ ଭାଗନେଇ ନିଜ ନିଜର ମତ ରଖିଥିଲେ। ୨ ଦିନିଆ ଏହି ସମ୍ମିଳନୀ ରବିବାର ଅପରାହ୍ନରେ ଉଦ୍‌ଯାପିତ ହେବ।

# ମୃତ କୃଷ୍ଣସାର ମୃଗ ଉଦ୍ଧାର

ପୋଲସରା,୧୦।୮(ଡି.ଏନ.ଏ.)

ପୋଲସରା ବନାଞ୍ଚଳ ସୋଡ଼କ ସଂରକ୍ଷିତ ଜଙ୍ଗଲ ବୁଡ଼ା ସାମନ୍ତ ଘାଇ ନିକଟରେ ଶନିବାର ଏକ କୃଷ୍ଣସାର ମୃଗ ମୃତଦେହ ବନ ବିଭାଗ ଉଦ୍ଧାର କରିଛି। ମୃତ କୃଷ୍ଣସାରର ବୟସ ୩ରୁ ୪ ବର୍ଷମଧ୍ୟରେ ହେବ ବୋଲି ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ସୋଡ଼କ ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ଖବରପାଇ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତ କୃଷ୍ଣସାରକୁ ଉଦ୍ଧାର କରିଥିଲେ। ପୋଲସରା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ନରେଶ କୁମାର ଜେନା ତାହାର ବ୍ୟବଚ୍ଛେଦ କରାଇଥିଲେ। ବିଷ ପ୍ରକ୍ରିୟାରେ ମୃଗଟିର ମୃତ୍ୟୁ ହୋଇଥାଇପାରେ ବୋଲି ସୋଡ଼କ ଦାୟିତ୍ୱରେ ଥିବା ବନରକ୍ଷୀ ରମାକାନ୍ତ ହୋତା ପ୍ରକାଶ କରିଛନ୍ତି। ବ୍ୟବଚ୍ଛେଦ ପରେ କୃଷ୍ଣସାରକୁ ପୋତି ଦିଆଯାଇଛି। ସୋଡ଼କ ଜଙ୍ଗଲ ନିକଟରେ ଥିବା ପାହାଡ଼ରେ ବେଆଇନ ପଥର ବ୍ଲାଷ୍ଟିଂ ଯୋଗୁ କୃଷ୍ଣସାର ମୃଗଙ୍କର ଜୀବନ ବିପଦରେ। ବ୍ଲାଷ୍ଟିଂ ଶବ୍ଦରେ ମୃଗମାନେ ପ୍ରାଣ ବିକଳରେ ଚାରିଆଡ଼େ ଦୌଡ଼ି ମୃତ୍ୟୁମୁଖରେ ପଡ଼ୁଛନ୍ତି ବୋଲି ସୋଡ଼କ ଗ୍ରାମବାସୀ କହିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବିକରିଛନ୍ତି।


ମୃତ କୃଷ୍ଣସାର ମୃଗ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଭଞ୍ଜନଗର,୧୦।୮(ଡି.ଏନ.ଏ.)

ସାପ କାମୁଡ଼ାରେ ଗାଲେରି ଫାଣ୍ଡି ଅନ୍ତର୍ଗତ ଝାଲିଆଗୋଛାର ଜଣେ ମହିଳାଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ପ୍ରମିଳା ଗୌଡ଼ (୫୫)। ଶନିବାର ସକାଳେ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶୁକ୍ରବାର ରାତିରେ ପ୍ରମିଳା ଘରେ ଥିବା ଏକ ଗାତ ପୋତୁଥିବା ବେଳେ ସାପ କାମୁଡିଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରମିଳାଙ୍କ ମୃତ୍ୟୁ ଘଟିଥିଲା।

# ପ୍ରଚାର ପାଇଁ ଯୋଜନା ଘୋଷଣା, ଭିତ୍ତିଭୂମି ନାହିଁ


ପତାକା ଉତ୍ତୋଳନ କରାଯାଉଛି।

ଭଞ୍ଜନଗର,୧୦।୮(ଡି.ଏନ.ଏ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଗଞ୍ଜାମ ଜିଲା ଶାଖାର ୨ଦିନିଆ ସାମ୍ବିଧାନିକ ସମ୍ମିଳନୀ ଓ ଆଲୋଚନାଚକ୍ର ଶୁକ୍ରବାର ଆରମ୍ଭ ହୋଇଛି। ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ପରିସରରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମାଧମିକ ଶିକ୍ଷାର ଗୁଣାତ୍ମକ ବିକାଶ ଲାଗି ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ପ୍ରକୃତ ଉପଯୋଗୀକି ତାହା ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ସଭାପତି ହିମାଂଶୁଶେଖର ପଟ୍ଟନାୟକ ବୈଠକରେ ଅଧକ୍ଷତା କରିଥିଲେ। ସମ୍ପାଦକ ବିଜୟ କୁମାର ବେହେରା ବିବରଣୀ ପାଠ କରିଥିଲେ। ଓସ୍ତା ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ପତାକା ଉତ୍ତୋଳନ କରିଥିଲେ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଓସ୍ତା ସଭାପତି ବିନୋଦ ପାଣିଗ୍ରାହୀ, ଶିକ୍ଷା ପ୍ରଦୀପ ପତ୍ରିକାର ଯୁଗ୍ମ ସମ୍ପାଦକ ସାରଙ୍ଗଧର ଠାକୁର, ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, କୃତ୍ତିବାସ ବିଶ୍ୱାଳ, ଅଲଓସ୍ତା ସଭାପତି ଜଗବନ୍ଧୁ ଜେନା, ଓସ୍ତା ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ ମିଶ୍ର ପ୍ରମୁଖ ଯୋଗଦେଇ ସରକାର ପ୍ରଚାର ପାଇଁ ଯୋଜନା ଘୋଷଣା କରୁଛନ୍ତି କିନ୍ତୁ ଭିତ୍ତିଭୂମି ସୁଦୃଢ଼ କରୁନାହାନ୍ତି ବୋଲି ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକାରୀ ସଭାପତି ସନ୍ତୋଷ ଜେନା ସଭା ସଂଯୋଜନା କରିଥିଲେ। ରବିବାର ନୂତନ କର୍ମକର୍ତ୍ତା ନିର୍ବାଚନ ହେବ।




# ସେମିରେ ଜୁରୁକୁପୁଡା, ସାଇନପଡା ବିଜୟୀ

ବାଲିଗୁଡା,୧୦।୮(ଡି.ଏନ.ଏ.)

ବାଲିଗୁଡା ଉପଖଣ୍ଡ କ୍ରୀଡା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ୭୩ତମ ସ୍ୱାଧୀନତା ଦିବସ ଉପଲକ୍ଷେ ସ୍ୱାଧୀନତା କପ ଫୁଟବଲ ପ୍ରତିଯୋଗିତାର ଚାଲିଛି। ପ୍ରଥମ ସେମିଫାଇନାଲ ଜୁରୁକୁପୁଡା ଓ ନନ୍ଦମାହା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲରେ ଜୁରୁକୁପୁଡା ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ଟାଉନର ପୂର୍ବତନ ଫୁଟବଲ ଖେଳାଳି ମୃତ୍ୟୁଞ୍ଜୟ ପ୍ରଧାନୀ ଯୋଗ ଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସଂଘର ଉପସଭାପତି ସେକ୍ ସାଦିକ, ସମ୍ପାଦକ ସୁଶାନ୍ତ କୁମାର ଦାସ, ଗଙ୍ଗାଧର ପଣ୍ଡା ପ୍ରମୁଖ ଖେଳର ଶୁଭାରମ୍ଭ କରିଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ କ.ନୂଆଗାଁ ଓ ସାଇନପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳି ସନ୍ତୋଷ କୁମାର ଦୋରା ଯୋଗ ଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ସାଇନପଡା ୧-୦ରେ ବିଜୟୀ ହୋଇଥିଲା।

**ସ୍ୱାଧୀନତା କପ୍ ଫୁଟବଲ**


ଖେଳାଳିଙ୍କ ଗହଣରେ ଅତିଥିମାନେ।



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ